ସମ୍ପାଦକୀୟ....

# ଉତ୍ସବ ମହୋତ୍ସବରେ ଭାଷା କ'ଣ ବଞ୍ଚିବ !

ଉନବିଂଶ ଶତକର ଶେଷଭାଗରୁ ଆରମ୍ଭ କରି ବିଂଶଶତକର ପ୍ରଥମ ଚାରିଦଶନ୍ଧି ମଧ୍ୟରେ ବହୁ ବ୍ୟକ୍ତି ଓ ଅନୁଷ୍ଠାନର ସହଯୋଗରେ ନିବେଦନ-ଆବେଦନ, ପତ୍ର ପ୍ରଦାନ, ସମ୍ବାଦପତ୍ରରେ ଲେଖା ଏବଂ ଆନୁଷ୍ଠାନିକ ଆନ୍ଦୋଳନ ବଳରେ ୧୯୩୬ ମସିହା ଏପ୍ରିଲ ୧ତାରିଖ ଦିନ ଆତ୍ମପ୍ରକାଶ କରିଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଏହା ଥିଲା ଓଡ଼ିଆ 'ଅସ୍ମିତା' ପ୍ରକାଶର ଏକ ଅବିସ୍ମରଣୀୟ ପର୍ଯ୍ୟାୟ। ୧୯୩୬ ମସିହା ଏପ୍ରିଲ ୧ତାରିଖ ବୁଧବାର ଦିନ ସ୍ଥିତି ଲାଭ କରିଥିବା ଓଡ଼ିଶା ପ୍ରଦେଶ ୮୦,୪୩,୬୮୧ ସଂଖ୍ୟାର ଅଧିବାସୀଙ୍କୁ ନେଇ ୩୨,୬୯୫ବର୍ଗ ମାଇଲ ଅଞ୍ଚଳକୁ କେନ୍ଦ୍ର କରି ପରିବ୍ୟାପ୍ତ ଥିଲା। ଏଥିରେ କଟକ, ପୁରୀ,ବାଲେଶ୍ୱର,ସମ୍ବଲପୁର,ଗଞ୍ଜାମ ଏବଂ କୋରାପୁଟ ଅଞ୍ଚଳ ଅନ୍ତର୍ଗତ ହୋଇଥିଲା। ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଏହି ଓଡ଼ିଶାପ୍ରଦେଶ ବାହାରେ ରହିଗଲେ। ପୂର୍ଣ୍ଣାଙ୍ଗ ଏବଂ ବୃହତ୍ତର ଓଡ଼ିଶାର ଏହି ପ୍ରାଥମିକ ପର୍ଯ୍ୟାୟ ପଛରେ ଅନ୍ତତଃ ଅର୍ଦ୍ଧଶତାବ୍ଦୀର ଓଡ଼ିଆ ସଂଗ୍ରାମର କାହାଣୀ ବର୍ତ୍ତମାନ, ଭାଷା,ସାହିତ୍ୟ,ସଂସ୍କୃତି,ଐତିହ୍ୟ ଏବଂ ଆର୍ଥିକ ସାମର୍ଥ୍ୟକୁ ନେଇ ଓଡ଼ିଆମାନେ ଓଡ଼ିଶାର ସ୍ୱତନ୍ତ୍ର ମଣ୍ଡଳ ନିର୍ଣ୍ଣୟ କରିବାକୁ ଆଗେଇ ଯାଇଥିଲେ। ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ନାନା ବିତର୍କ, ଆଲୋଚନା, ପ୍ରତିବାଦପତ୍ର ଏବଂ ସଭାସମିତି ଭିତରୁ ଭାରତୀୟ ରାଷ୍ଟ୍ରୀୟ ଭାବନା ମଧ୍ୟରେ ଓଡ଼ିଶାର ଓଡ଼ିଆମାନେ ପ୍ରକାଶିତ ହେବାକୁ ଧାରାବାହିକ ଉଦ୍ୟମ କରିଥିଲେ,ତାହା ପ୍ରକୃତରେ ଇତିହାସର ଏକ ଅବିସ୍ମରଣୀୟ ଅଙ୍ଗ ହୋଇରହିଛି। ହୋଇପାରେ ଜଗତୀକରଣ ପ୍ରକ୍ରିୟାରେ ଏହାର ପ୍ରାସଙ୍ଗିକତା ଆଉ ଅନୁଭବ କରିହେଉ ନାହିଁ। କିନ୍ତୁ ୧୯୩୬ପୂର୍ବରୁ ଫେରିଚାହିଁଲେ, ସେହି ବିସ୍ମୃତ ଅତୀତର ପୃଷ୍ଠାଗୁଡ଼ିକୁ ଯୋଡ଼ିଦେଇ ଦୃଷ୍ଟି ଦେଲେ ଚିନ୍ତାର ଦିଗନ୍ତ ପ୍ରସାରିତ ହୋଇଥାଏ ଏବଂ ସଂଘବଦ୍ଧ ଜୀବନ ପାଇଁ ଏହା ଯେ ଏକ ପ୍ରୟୋଜନୀୟ ପଦକ୍ଷେପ, ଏହା ନିଃସନ୍ଦେହ।

ଶାସକ-ପ୍ରଶାସକଙ୍କର କାର୍ଯ୍ୟକ୍ରମରେ ତାଳମେଳ ତଥା ଆନ୍ତରିକତାର ଅଭାବ ଏବଂ ବହୁକ୍ଷେତ୍ରରେ ନିଜ ନିଜର ଅହଂଭାବକୁ ଜାବୁଡ଼ି ଧରି ରାଜ୍ୟର ଯେ କେତେ କ୍ଷତି କରୁଛନ୍ତି, ତାର ହିସାବ ନାହିଁ। ଲଗାମ ନଥିବା ଘୋଡ଼ା ଭଳି ଏ ରାଜ୍ୟର ଅପାରଗ ରାଜନୈତିକ ନେତୃତ୍ୱ ଓ ପ୍ରଶାସନିକ ଅଧିକାରୀମାନେ ଶାସନକଳକୁ କଳୁଷିତ କରି ସାରିଲେଣି। ଏ ରାଜ୍ୟର ଲୋକ ଖାଦ୍ୟାଭାବରେ ମରୁଥିବା ବେଳେ ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ପାରୁନାହିଁ। ଶିକ୍ଷାଦେବାକୁ ଶିକ୍ଷକ ନାହାନ୍ତି। ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ। ସ୍ୱାସ୍ଥ୍ୟ କଥା ନ କହିଲେ ଭଲ। ନେତା ଓ ପ୍ରଶାସନିକ ଅଧିକାରୀମାନଙ୍କ ପାଇଁ ଆଜି ଗୁଣ୍ଡାରାଜ ବଢ଼ି ବଢ଼ି ଚାଲିଛି। ଅଶାନ୍ତିକର ପରିବେଶର କାରଣ ପାଇଁ ଦାୟୀ କେଉଁମାନେ ଅନୁମାନ କରିହେଉଛି।

ଚଳିତବର୍ଷ ରାଜ୍ୟ ସରକାରଙ୍କ "ଓଡ଼ିଆତ୍ୱ"ନେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ବ୍ୟୟବରାଦ ହୋଇଥିବାବେଳେ ବିଭିନ୍ନ ପ୍ରକାର ଉତ୍ସବ ଓ ମହୋତ୍ସବ ସହକାରେ 'ଓଡ଼ିଆ ପକ୍ଷ' ପାଳନ ପାଇଁ ସରକାରୀ ଆଦବକାଇଦା ସରିଲାଣି। ମଧ୍ୟପ୍ରାଚ୍ୟର ଯୁଦ୍ଧ ସମଗ୍ର ପୃଥିବୀକୁ ଥରାଇ ଦେଉଥିବା ଏବଂ ତଜ୍ଜନିତ ପରିଣାମ ଆମ ରନ୍ଧାଶାଳକୁ କିପରି ଆକ୍ରାନ୍ତ କରିଛି, ତାହା ଅନୁଧ୍ୟାନର କଥା। ରୋମ ଜଳୁଥିବା ବେଳେ ନୀରୋଙ୍କ ବଂଶୀବାଦନ ଭଳି ଆମ ଆର୍ଥିକ ବ୍ୟବସ୍ଥାକୁ ଦୋହଲାଇ ଦେଉଥିବା ଆନ୍ତର୍ଜାତିକ ପରିସ୍ଥିତି ପ୍ରତି ଆମର ଉଦାସ ଭାବକୁ ସ୍ପଷ୍ଟ କରୁଛି। ସବୁ ସତ୍ତ୍ୱେ ଓଡ଼ିଶା ରହିଛି ଦରିଦ୍ର। ଓଡ଼ିଶାର ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତଙ୍କ ସଂଖ୍ୟା ଅନ୍ୟ ବହୁ ପ୍ରଦେଶ ତୁଳନାରେ ଅଧିକ। ବେକାରୀ ଭୀଷଣ ଭାବରେ ବୃଦ୍ଧିପାଇଛି।

ଆମରି ଅପକର୍ମର ଡେଙ୍ଗୁରା ବାଜୁଛି। ସତରେ କ'ଣ ଓଡ଼ିଶା ଓ ଓଡ଼ିଆଙ୍କ ପରିଚିତି ଏଇଆ ? ଯଦି ନୁହେଁ, ତେବେ ସବୁ କାମ ପଛରେପକାଇ ଆଗ ଆମର ପ୍ରକୃତ ପରିଚୟ, ଏ ଜାତିର ପ୍ରକୃତ ପରିଚୟ ଖୋଜି ବାହାର କରାଯାଉ। ଏ କାମ କୌଣସି ସରକାର କରିପାରିବ ନାହିଁ। କୌଣସି ମନ୍ତ୍ରୀ ବା ଏମ୍.ଏଲ୍.ଏ. ସୁପାରିଶରେ ହୋଇପାରିବ ନାହିଁ। ଏ କାମ ଓଡ଼ିଶାକୁ, ଓଡ଼ିଆଙ୍କୁ ଭଲ ପାଉଥିବା ଆମ ସମସ୍ତଙ୍କର। ଏଥିପାଇଁ ବିଶ୍ୱବ୍ୟାଙ୍କର ସାହାଯ୍ୟ ଦରକାର ନାହିଁ କି କୌଣସି ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦ ଲୋଡ଼ାନାହିଁ। ଏହି ଅଭାବ, ଅବିଚାର ଓ ଅନ୍ୟାୟ ଭିତରେ ଓଡ଼ିଶା ଆଗକୁ ଯିବା ପରିବର୍ତ୍ତେ ପ୍ରତିବର୍ଷ ପଛେଇ ପଛେଇ ଏବେ ସବୁଠୁ ପଛରେ ପଡ଼ିଛି। ଆମ ପଛରେ ଆଉ କେହି ନାହିଁ। ସମସ୍ତେ ଆମ ଆଗରେ। ଆମ ପଛରେ କେବଳ ଆମର ଦୀର୍ଘ ଛାଇ ଯାହା ଆମର ଏକଦା ଗୌରବୋଜ୍ଜ୍ୱଳ ଇତିହାସକୁ ମଧ୍ୟ ବିଦ୍ରୁପ କରୁଛି। ତଥାପି ନିରାଶ ନହୋଇ ନିଷ୍ଠାର ସହିତ କାର୍ଯ୍ୟ କରି ସେହି ବିଶ୍ୱାସ ଫେରାଇ ଆଣିବାକୁ ହେବ। ଉପରୋକ୍ତ ସମସ୍ୟାମାନଙ୍କର ଯଥାଯଥ ସମାଧାନ କରିବାକୁ ହେବ। ଓଡ଼ିଆଭାଷାର ଉନ୍ନତି ସାଧନ କରିବାକୁ ହେବ। ଓଡ଼ିଶାର ସଂହତି ବଜାୟ ରଖିବାକୁ ହେବ। ଓଡ଼ିଆଙ୍କର ବୁଦ୍ଧିର, ପ୍ରତିଭାର ଅଭାବ ନାହିଁ। ଶକ୍ତିର ଅଭାବ ନାହିଁ। ସେ ସବୁଥିର ସଦୁପଯୋଗ କଲେ ଆଜିର ଏ ଅନ୍ଧକାର ନିଶ୍ଚୟ ଦୂର ହୋଇଯିବ। ସୁଦିନ ନିଶ୍ଚୟ ଫେରିବ। ତେବେ, ସ୍ୱପ୍ନ ଦେଖି ନୀରବ ରହିଲେ ନୁହଁ, ସଙ୍ଗଠିତ ହୋଇ କାମ କଲେ ହିଁ ତାହା ସମ୍ଭବ ହେବ।

bighneswarsahu@gmail.com